



# ବିଳମ୍ବିତ ରାତିରେ ଚୋରା ମଦ ବ୍ୟବସାୟ

କଟକ, ୧୫।୬(ସମିସ)

ସହରରେ ବିଳମ୍ବିତ ରାତିରେ ଜମୁଛି ଚୋରା ବିଦେଶୀ ମଦ ବ୍ୟବସାୟ। ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଥିଲେ ମଧ୍ୟ ଏହାକୁ ବେଖାତିର୍ କରୁଛନ୍ତି ଚୋରା ମଦ ବେପାରୀ।

**ମଦ୍ୟପ ଧରପଗଡ଼ ଅଭିଯାନ ବନ୍ଦ**

ମଙ୍ଗଳାବାଗ, ପୁରୀଘାଟ, କଲେଜଛକ, ବିଡ଼ାନାସୀ ଏବଂ ବକ୍ସିବଜାରର ନର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ବିଳମ୍ବିତ ରାତିରେ ଚୋରା ମଦ ବ୍ୟବସାୟ ହେଉଥିବାର ଅଭିଯୋଗ ଉଠିଛି। ଉଭୟ ପୁଲିସ ଏବଂ ଅବକାରୀ କର୍ମଚାରୀ ଚଢ଼ଉ ଜାରି ରଖିଥିଲେ ମଧ୍ୟ ସହରରେ ଚୋରା ମଦ କାରବାରକୁ ରୋକାଯାଇ ପାରୁନାହିଁ। ଏହି ପରିପ୍ରେକ୍ଷୀରେ କମିଶନରେଟ୍ ପୁଲିସର ଏକ ଅପରାଧ ସମୀକ୍ଷା ବୈଠକରେ ମଦୁଆ ଧରପଗଡ଼ ଓ ଚୋରା ମଦ ବ୍ୟବସାୟ ରୋକିବାକୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିଲେ ମଧ୍ୟ ନିର୍ବାଚନ ପରେ ଏହା ନିଷ୍କ୍ରିୟ ପାଲଟିଛି। ମହାନଗରରେ ଏହି ସ୍କ୍ୱାଡ୍ ରାତି ୧୦ଟା ୩୦ରୁ ଭୋର ୬ଟା ଯାଏଁ ଡ୍ୟୁଟି କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହା ଫଳପ୍ରଦ ହେଉ ନଥିବା ଦେଖିବାକୁ ମିଳୁଛି।

ଅଭିଯୋଗ ଅନୁସାରେ, ସାଧାରଣ ଭାବେ ପଞ୍ଜିକୃତ ମଦ ଦୋକାନ ନିକଟବର୍ତ୍ତି ଅଞ୍ଚଳରେ ଏଭଳି ଚୋରା କାରବାର କରାଯାଉଛି। ନିୟମ ଅନୁସାରେ ସହରର ଅଫସପ୍ ଗୁଡ଼ିକ ୧୦ଟା୩୦ରେ ବନ୍ଦ ହୋଇ ଯାଉଥିବା ବେଳେ ରାତି ୧୨ଟାରେ ଅନ୍‌ସପ୍ ଗୁଡ଼ିକ ବନ୍ଦ ହେଉଛି। ଏହି ସମୟକୁ ଛାଡ଼ି ଚୋରା ମଦ ବେପାରୀମାନେ ରାତି ୧୨ଟା ପରେ ଚୋରା ମଦ ବିକ୍ରି କରୁଛନ୍ତି। ଚଢ଼ା ଦରରେ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ବିକ୍ରୟ କରାଯାଉଛି। ପିସିଆର୍ ଭ୍ୟାନ୍ ପାଟ୍ରୋଲିଂ କରୁଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ।

ଅନ୍ୟପକ୍ଷରେ କମିଶନରେଟ୍ ପୁଲିସ ପକ୍ଷରୁ କେବଳ ଚୋରା ମଦ କାରବାରରେ ଗତ ୮ ମାସ ମଧ୍ୟରେ ୪୦୦ ଜଣ ଗିରଫ ହୋଇଛନ୍ତି। ସେହିପରି ଅବାକାରୀ ବିଭାଗ ପକ୍ଷରୁ ୩୮ଜଣ ସହର ମଧ୍ୟରୁ ଗିରଫ କରାଯାଇଛି। ଏହିଭଳି ମୋଟ ୩୭୦ଜଣ ଚୋରା ବିଦେଶୀ ମଦ ବିକ୍ରୟ କରି ଗିରଫ ହୋଇଛନ୍ତି; ତଥାପି ଏହି କାରବାର କମୁନାହିଁ। ଏ ସଂପର୍କରେ ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲଙ୍କୁ ପ୍ରଶ୍ନ କରିବାରୁ ସେ କହନ୍ତି, ଅବକାରୀ ବିଭାଗ ପ୍ରତି ମାସରେ ପଞ୍ଜିକୃତ ମଦ ଦୋକାନଗୁଡ଼ିକୁ ଯାଞ୍ଚ କରାଯାଉଛି। ନିୟମିତ ବ୍ୟବଧାନରେ ସହର ମଧ୍ୟରେ ଚୋରା ମଦ ବେପାରୀଙ୍କୁ ଧରିବାକୁ ଚଢ଼ଉ ଜାରି ରହିଛି। ସେହିପରି କମିଶନରେଟ୍ ପୁଲିସ ପକ୍ଷରୁ ଅତିରିକ୍ତ ଡିସିପି ଅନିଲ୍ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ ଯେ ନିୟମିତ ଭାବେ ସ୍ପେଶାଲ୍ ଡ୍ରାଇଭ୍ ଚାଲିଛି। ଯେଉଁ ଯେଉଁ ସ୍ଥାନରେ ଚୋରା ମଦ ବେପାର ହେଉଛି, ସେମାନଙ୍କୁ ଧରିବାକୁ ସ୍ଥାନୀୟ ଥାନାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ପୁଲିସର ମଦ୍ୟପ ଓ ଚୋରା ମଦ କାରବାର ଧରପଗଡ଼ ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାଡ୍ କାର୍ଯ୍ୟ କଲା ପରେ ଏହି ଚୋରା ମଦ କାରବାର ନିଶ୍ଚିତ ଭାବେ ହ୍ରାସ ପାଇବ।

ମିଳିଥିବା ସୂଚନା ଅନୁସାରେ, ବିଭିନ୍ନ ଅଞ୍ଚଳରେ କେଉଁଠି ଚୋରା ମଦ କାରବାର ହେଉଛି ଏବଂ ଲାଇସେନ୍ସପ୍ରାପ୍ତ ଦୋକାନୀମାନେ ଏହି କାରବାରରେ ସମ୍ପୃକ୍ତ ରହୁଛନ୍ତି କି ନାହିଁ ଏବଂ ସହରର ବିଭିନ୍ନ ଅଞ୍ଚଳ ମଧ୍ୟରୁ କେଉଁଠି ବିଳମ୍ବିତ ରାତ୍ରରେ ମଦ କାରବାର ହେଉଛି, ସେ ସ୍ଥାନ ଚିହ୍ନଟ କରାଯିବ। ଏ ସମ୍ପର୍କରେ ବିଭିନ୍ନ ଥାନାର ଆଇଆଇସିମାନଙ୍କୁ ଡିସିପିଙ୍କ କାର୍ଯ୍ୟାଳୟକୁ ତଥ୍ୟ ଦେବା ପାଇଁ କୁହାଯାଇଛି। ଚୋରା ମଦ କାରବାରକୁ ବନ୍ଦ କରିବା ନିମନ୍ତେ କମିଶନରେଟ୍ ପୁଲିସ ଏହି ପଦକ୍ଷେପ ନେଉଥିବା ଜଣାପଡ଼ିଛି।



## ରଜ ଛୁଟିରେ ଆସି ଛାତ୍ରୀ ନିଖୋଜ

**କଟକ,୧୫।୬(ସମିସ):** ଯାଜପୁର ଜିଲ୍ଲାର ଜଣେ କଲେଜ ଛାତ୍ରୀ କଟକରୁ ନିଖୋଜ ହୋଇଯାଇଛନ୍ତି। ଏନେଇ ନିଖୋଜ ଛାତ୍ରୀଙ୍କ ସମ୍ପର୍କୀୟ ଅତିସ କୁମାର ଜେନା ବାଦାମବାଡ଼ି ଥାନାରେ ଏତଲା ଦେଇଛନ୍ତି। ଯାଜପୁର ବରୀ ଥାନା ଅଞ୍ଚଳର ଅତିସ ସାମନ୍ତ ଫ୍ରେଣ୍ଡସ କଲୋନୀରେ ସପରିବାର ରହୁଛନ୍ତି। ରଜ ଛୁଟି ପାଇଁ ଝିଆରୀ ବଡଚଣା ଅଞ୍ଚଳର ସ୍ୱାଗତିକା ବଳ ତାଙ୍କ ଘରକୁ ବୁଲିବାକୁ ଆସିଥିଲେ। ସ୍ୱାଗତିକା ଚଣ୍ଡିଖୋଲ କଲେଜରେ ପଢୁଛନ୍ତି। ଶନିବାର ସେ ଘରକୁ ଫେରିବା ଲାଗି ଅତିସ ତାଙ୍କୁ ବାଦାମବାଡ଼ି ନେଇ ଏକ ବସରେ ବସାଇଥିଲେ। କିଛି ସମୟ ପରେ ସ୍ୱାଗତିକାଙ୍କୁ ଫୋନ କରିବାରୁ ତାଙ୍କ ନମ୍ବର ବନ୍ଦ ଥିଲା। ସନ୍ଧ୍ୟା ସୁଦ୍ଧା ସେ ଘରେ ପହଞ୍ଚି ନଥିଲେ। ଏନେଇ ସ୍ୱାଗତିକାଙ୍କ ପରିବାର ଠାରୁ ଜାଣିବା ପରେ ଅତିସ ବାଦାମବାଡ଼ି ଥାନାରେ ନିଖୋଜ ନେଇ ଏତଲା ଦେଇଛନ୍ତି। ପୁଲିସ ସିସିଟିଭି ଫୁଟେଜ ଓ କଲ ଡିଟେଲ୍ସ ଆଣି ଯାଞ୍ଚ କରୁଛି।

## ଅସିଚାଳନା ଚାମ୍ପିଅନ୍‌ସିପ୍: ଓଡ଼ିଶାକୁ ୨ଟି ବ୍ରୋଞ୍ଜ



**କଟକ,୧୫।୬(ସମିସ):** ଓଡ଼ିଶା ଅସି ଚାଳନା ସଂଘ ଆନୁକୂଲ୍ୟରେ କଟକ ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଜାତୀୟ ଅସିଚାଳନା ଚାମ୍ପିଅନସିପ ଦ୍ୱତୀୟ ଦିନରେ ଓଡିଶା ଇପି ଇଭେଣ୍ଟରେ ଓଡ଼ିଶାକୁ ୨ଟି ବ୍ରୋଞ୍ଜ୍ ପଦକ ମିଳିଛି। ସ୍ମୃତିପ୍ରଭା ଅରୁଣ ଓ ସୃତିପ୍ରଭା ଅରୁଣ ଦୁଇ ଭଉଣୀ ଏହି ସଫଳତା ହାସଲ କରିଛନ୍ତି। ଏନେଇ ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି।

## ଏମ୍‌ବିଡି ଗ୍ରୁପ୍ ପକ୍ଷରୁ ଛାତ୍ର ଗୌରବ ସମ୍ମାନ ଉତ୍ସବ



**କଟକ,୧୫।୬(ସମିସ):** ଏମ୍‌ବିଡିଏ ଗ୍ରୁପ୍ ଅଫ୍ ପବ୍ଲିକେଶନ୍ସ ଓଡ଼ିଶା ଶାଖାଦ୍ୱାରା ପୁରୀ ହୋଟେଲ ଏମ୍ପାୟାରରେ ୨୦ତମ ଛାତ୍ରଗୌରବ ସମ୍ମାନ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରଛାତ୍ରୀଙ୍କ ସହ ସେମାନଙ୍କର ପିତା-ମାତା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ପୂର୍ବତନ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀ ନିରଞ୍ଜନ ସାହୁ, ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ସମ୍ମାନନୀୟ ଅତିଥିରୂପେ ଶିକ୍ଷାବିତ୍ ବୈଦ୍ୟନାଥ ରାଉତ ଯୋଗଦେଇଥିଲେ। ଶିକ୍ଷା ବିକାଶ ସମିତି, ଓଡ଼ିଶାର ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତି ଅଧକ୍ଷତା କରିଥିଲେ। ଏହି ସମାବେଶରେ ଏମ୍‌ବିଡି ଗ୍ରୁପ୍ ନୂଆଦିଲ୍ଲୀର ସିଇଓ ପ୍ରବୀଣ ସିଂ ଜୀ ଯୋଗଦେଇ ଇଇଝଙ୍କଇ ଆପ୍ ବିଷୟରେ ଛାତ୍ରଛାତ୍ରୀଙ୍କୁ ସମ୍ୟକ ସୂଚନା ଦେଇଥିଲେ। ଏମବିଡି ଗ୍ରୁପ୍ ଓଡ଼ିଶା ଶାଖାର ଜୋନାଲ୍ ହେଡ୍ ପ୍ରଦୀପ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ନିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉ କି, ୧୯୮୪ ମସିହାରୁ ଓଡ଼ିଶାରେ ଶିକ୍ଷା ଓ ଶିକ୍ଷାୟତନର ସଦସ୍ୟମାନଙ୍କୁ ଜ୍ଞାନାଭିମୁଖୀ କରିବା ଉଦ୍ଦେଶ୍ୟରେ ଏମ୍‌ବିଡି ଶତତ ଚେଷ୍ଟା କରି ଚାଲିଛି। ଛାତ୍ରଛାତ୍ରୀମାନଙ୍କର ମେଧା ବୃଦ୍ଧି କରି ପରୀକ୍ଷାଗୁଡ଼ିକରେ ବିଶେଷ ସଫଳତା ଲାଭ କରାଇବାରେ ସହାୟକ ହୋଇଛି।

## କଟକ ସାଂସଦଙ୍କୁ ଭେଟିଲେ ଓଡ଼ିଶା ଶିଳ୍ପ ସଂଘ ପ୍ରତିନିଧି ଦଳ



**କଟକ,୧୫।୬(ସମିସ):** ଓଡ଼ିଶା ଶିଳ୍ପ ସଂଘର ଏକ ପ୍ରତିନିଧି ଦଳ ସଂଘର ଅଧ୍ୟକ୍ଷ ଅବନୀ କାନୁନଗୋଙ୍କ ନେତୃତ୍ୱରେ କଟକର ନବନିର୍ବାଚିତ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ତାଙ୍କ କଟକସ୍ଥିତ ବାସଭବନଠାରେ ଭେଟିଛନ୍ତି। କଟକରୁ ଲୋକସଭା ପାଇଁ ଲଗାତାର ୭ଥର ବିଜୟ ହାସଲ କରିଥିବାରୁ ଶ୍ରୀ ମହତାବଙ୍କୁ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ସଂଘର ଅଧ୍ୟକ୍ଷ ସାଂସଦଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଶେଷକରି ଏମଏସଏମଇ ଉଦ୍ୟୋଗୀମାନଙ୍କ ପାଇଁ ଇଡକୋ ଲିଜ ହୋଲଡ ଜମିକୁ ଫ୍ରିହୋଲ୍ଡକୁ ରୂପାନ୍ତର କରିବା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି। ଏମଏସଏମଇ ଏକ ବିକାଶଶୀଳ ଅର୍ଥନୀତିର ଚାଳକ ହୋଇଥିବାରୁ ସମସ୍ତ ସମ୍ବେଦନଶୀଳ ପ୍ରସଙ୍ଗରେ ବିଭାଗର କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ସାଂସଦ ଶ୍ରୀ ମହତାବ ପ୍ରତିଶ୍ରୁତି ଦେଇଛନ୍ତି। ଶ୍ରୀ କାନୁନଗୋଙ୍କ ସହ ସଂଘର ସାଧାରଣ ସମ୍ପାଦକ ଗୌରଗୋପାଳ ସେନ୍, କିଶୋରଚନ୍ଦ୍ର ମହାନ୍ତି, ଦେବେନ୍ଦ୍ର ଶର୍ମା, ଭବାନୀ ପଣ୍ଡିତ, ଅଜୟ ପଣ୍ଡା, ରାଜେଶ କାନୁନଗୋ, ସୁଧାକର ସ୍ୱାଇଁ, ରାମ ବଲ୍ଲଭ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ତରୁଣ ବେହେରା ଜିଲ୍ଲା ଯୁବ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି

**କଟକ,୧୫।୬(ସମିସ):** କଟକ ଜିଲ୍ଲା ଯୁବ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ଭାବେ ତରୁଣ ବେହେରାଙ୍କୁ ମନୋନୀତ କରାଯାଇଛି। ଦୀର୍ଘ ଦିନ ହେବ ଜଣେ



ସାମାଜିକ କର୍ମୀ ଭାବେ ଯାଦବ ମହାସଭା ସହ ସେ ଜଡିତ ଅଛନ୍ତି। ସଂଗଠନର ସମସ୍ତ କାର୍ଯ୍ୟରେ ସହଯୋଗ କରିବା ସହ ରାଜ୍ୟ ଓ ରାଜ୍ୟ ବାହାରେ ତାଙ୍କୁ ଦିଆଯାଉଥିବା ଦାୟିତ୍ୱକୁ ସେ ସୁଚାରୁରୂପେ ସମ୍ପାଦନା କରି ଆସୁଛନ୍ତି। ଆଗମୀ ଦିନରେ ସଂଗଠନର ସମସ୍ତ କାର୍ଯ୍ୟ କରିବାରେ ଓ ସଂଗଠନକୁ ଆଗକୁ ନେବାରେ ତାଙ୍କର ଭୂମିକା ବେଶ୍ ଉତ୍ସାହପୂର୍ଣ୍ଣ ରହିବ ବେଲି ସଂଗଠନ ଆଶା ରଖିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର କର୍ମକର୍ତ୍ତା



**କଟକ, ୧୫।୬(ସମିସ):** ପେନ୍‌ସନର୍ ଓ ପରିବାର ପେନ୍‌ସନରମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରାଯାଇଛି। ଏ ବିଷୟ ମହାସଂଘର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ ଓ ମହାସଚିବ ଗୋକୁଳାନନ୍ଦ ବେହେରା ଏକ ପ୍ରେସ ନୋଟ୍‌ରେ ପ୍ରକାଶ କରିଛନ୍ତି। ରାଜ୍ୟ ପେନସନର ମହାସଂଘର ବରିଷ୍ଠ ନେତୃତ୍ୱ ପ୍ରତାପଚନ୍ଦ୍ର ଦାସ, ଗୋକୁଳାନନ୍ଦ ବେହେରା, ସୁବୋଧ କୁମାର ମହାନ୍ତି ଓ ବେଣୁଧର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜୁନ ୧୪ ତାରିଖ ଭୁବନେଶ୍ୱରସ୍ଥିତ ରାଜ୍ୟଅତିଥି ଭବନଠାରେ ପୁଷ୍ପଗୁଚ୍ଛ ଓ ଶୁଭେଚ୍ଛାପତ୍ର ପ୍ରଦାନ କରିଥିଲେ ବୋଲି ମହାସଂଘର କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ମଳଚନ୍ଦ୍ର ଦାସ ପ୍ରକାଶ କରିଛନ୍ତି।

## ଶ୍ରମିକ ନେତା ରାଜେନ୍ଦ୍ର ପ୍ରସାଦ ସିଂହଙ୍କ ୭୮ତମ ଜୟନ୍ତୀ ପାଳିତ



**କଟକ, ୧୫।୬(ସମିସ):** ବିଶିଷ୍ଟ ଶ୍ରମିକ ନେତା, ପୂର୍ବତନ ବିଧାୟକ ଜନନେତା ରାଜେନ୍ଦ୍ର ପ୍ରସାଦ ସିଂହଙ୍କ ୭୮ତମ ଜୟନ୍ତୀ ବିଡ଼ାନାସୀସ୍ଥିତ ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ ପରିସରରେ ହିନ୍ଦ୍ ମଜଦଇର ସଭାର ରାଜ୍ୟ ସାଧାରଣ ସଂପାଦକ ପ୍ରଭାତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ରାଜୁ ସିଂହଙ୍କ ସାଥୀ, ବହୁ ଶ୍ରମିକ ସଂଗଠନର କର୍ମକର୍ତ୍ତା, ରାଜନୈତିକ କର୍ମୀ, ସାମାଜିକ କର୍ମୀ ଯୋଗ ଦେଇଥିଲେ। ରାଜୁ ସିଂହଙ୍କ ଜୀବନୀ ସଂପର୍କରେ ଏବଂ ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ ପ୍ରତିଷ୍ଠାରେ ଅବଦାନ ସଂପର୍କରେ ଏଆଇଟିୟୁସିର ରାଜ୍ୟ ସଂପାଦକ କିଶୋର ଜେନା ପ୍ରଥମେ ସୂଚନା ଦେଇଥିଲେ। ମେୟର ସୁବାସ ସିଂହ, ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ବରିଷ୍ଠ ଶ୍ରମିକ ନେତା କୃଷ୍ଣଚନ୍ଦ୍ର ପାତ୍ର, ଚିତ୍ତରଂଜନ ମହାନ୍ତି, କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ଅମରେନ୍ଦୁ ମହାନ୍ତି, ଖଗେଶ୍ୱର ସେଠୀ, ସୁବାସ ବୋଷ, ପ୍ରଶାନ୍ତ ଦାସ, ବିନୋଦ ବେହେରା, ବିଜୟ ବେହେରା, ବିଜୟ ସାହୁ, ଶେଷଦେବ ପାତ୍ର, କ୍ଷିରାବ୍ଧି ତନୟା ମିଶ୍ର, ଆଡ଼ଭୋକେଟ ଭିକାରୀ ଦାସ, ହରିବନ୍ଧୁ ନାୟକ, ଡ଼କ୍ଟର ମୀନାକ୍ଷୀ ପଣ୍ଡା, କୃଷ୍ଣଚନ୍ଦ୍ର ପାତ୍ର, ସୁବାସ ଚନ୍ଦ୍ର ବୋଷ, ବିଜୟ ସାହୁ, ଶୈଳ ବେହେରା, କୃଷ୍ଣକେଶବ ମିଶ୍ର, ବିପ୍ରଚରଣ ପ୍ରଧାନ, ଦିଲ୍ଲୀପ ରାଉଳ, ବି.ଏନ୍.ମହାପାତ୍ର, ଜୟନ୍ତ ପାତ୍ର, ଅଜୟ ରାଉତ, ନଳିନୀ ସିଂ, ପ୍ରମୋଦ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

**ବିଭିନ୍ନ ସ୍ଥାନରେ ଆନୁଷ୍ଠାନିକ ରଜ କାର୍ଯ୍ୟକ୍ରମ**

# ରଜ ମଉଜରେ ସାମିଲ ହେଲେ ବସ୍ତି ପିଲା

### ଜୟଜଗନ୍ନାଥ ସେବା ସମିତି ଟ୍ରଷ୍ଟ

**କଟକ,୧୫।୬(ସମିସ):** ଜୟଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପରିବାର ପକ୍ଷରୁ ରଜ ପର୍ବ ଭିନ୍ନ ଭାବେ ପାଳନ କରାଯାଇଛି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଓଡ଼ିଶାର ପ୍ରମୁଖ ସାମାଜିକ ସଂଗଠନ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପରିବାର ପକ୍ଷରୁ



କଟକ ସିଡିଏ ୧୩ ବାଲ୍ମିକୀ ନଗରସ୍ଥିତ ରଥ ସାହୁ ବିଦ୍ୟାଳୟର ଓ ପାଖ ବସ୍ତିର ଥିବା ୫୦ରୁ ଅଧିକ କୁନି କୁନି ପିଲାଙ୍କୁ ରଜରେ କିଛି ଖୁସି ବାଣ୍ଟିବାର ପ୍ରୟାସ କରାଯାଇଥିଲା। ପହିଲି ରଜରେ ପିଲାଙ୍କୁ ନୂତନ ଡ୍ରେସ୍ ଦିଆଯାଇ ଅଳତା କୁଙ୍କୁମରେ ସଜା ଯାଇଥିଲା। ବସରେ ବସ୍ତି ପିଲାଙ୍କୁ ନିଆଯାଇ 'ଲା କ୍ୟାଫେ' ରେଷ୍ଟୁରାଣ୍ଟ ସହଯୋଗରେ ଜଳଖିଆ ବଣ୍ଟନ କରାଯାଇଥିଲା। ଏହାପରେ କଟକ ଯୋବ୍ରା ମ୍ୟୁଜିୟମ୍ ବୁଲିବା ସହ ବସ୍ତି ପିଲା ଦୋଳି ଖେଳି ଏହାର ମଜା ନେଇଥିଲେ। ମଧ୍ୟାହ୍ନ ଭୋଜନ ପରେ ବିଜୁ ପଟ୍ଟନାୟକସ୍ଥିତ କଫି ସେଣ୍ଟର୍ ଠାରେ ଆଇସକ୍ରିମ ସହ ରଜ ପାନ ଖାଇଥିଲେ। ଏହାପରେ ସେମାନଙ୍କୁ ଘରେ ଛଡ଼ା ଯାଇଥିଲା। ଜୟଜଗନ୍ନାଥ ସେବା ସମିତି ଟ୍ରଷ୍ଟର ଏଭଳି ନିଆରା କାର୍ଯ୍ୟକ୍ରମକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି। ଏହି ସେବା କାର୍ଯ୍ୟକ୍ରମରେ ଅତିଥି ରୂପେ ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ, କର୍ପୋରେଟର ଜେ କାମେଶ ରାଓ ଯୋଗ ଦେଇଥିଲେ। ଟ୍ରଷ୍ଟର ଉପଦେଷ୍ଟା ବିରେନ୍ଦ୍ର ସାହୁ, ମନୋଜ ଦାସ, ସିନେ କଳାକାର ମହାପ୍ରସାଦ କର ଶୈଳେଶ ଦାସ, ଲା କ୍ୟାଫେ ମୁଖ୍ୟ ରାଜେଶ ବେହେରା ଉପସ୍ଥିତ ଥିଲେ। ଏଭଳି ସେବା କାର୍ଯ୍ୟକ୍ରମ ସର୍ବଦା ଆଗକୁ ଜାରି ରହିବ ବୋଲି ଟ୍ରଷ୍ଟର ସମ୍ପାଦକ ଶଶାଙ୍କ ଶେଖର ଦାଶ ଓ ସଭାପତି ମନୋଜ ପଣ୍ଡା କହିଛନ୍ତି।

### ପତଞ୍ଜଳି ଯୋଗ ପରିବାର



ପତଞ୍ଜଳି ଯୋଗ ପରିବାର ଆନୁକୂଲ୍ୟରେ ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀଙ୍କ ଉପସ୍ଥିତିରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ରାଧାମାଧବ ବହିଦାର, ସ୍ୱୟଂ ପ୍ରକାଶ ମହାପାତ୍ର, ଅମୃତାଂଶୁ ପ୍ରଧାନ, କ୍ଷିତିଶ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ମହାନ୍ତି, ସୁନିଲ ଶର୍ମା, ଶିଶିର ଜେନା, ନିମାଇଁ ଜେନା, କିଶୋର ସାଗର, ସ୍ୱରୂପ ସାହୁ, ସମୀର ନାୟକ, ରାମଚନ୍ଦ୍ର ରାଉତ, ରବି ନାରାୟଣ ସାହୁ, ସବିତା ପରିଡ଼ା, ବନ୍ଦିତା ମହାପାତ୍ର, ମମତା ମହାପାତ୍ର, ଡଃ ସୁରେଖା ସୁନ୍ଦରୀ ସ୍ୱାଇଁ, ସୁନନ୍ଦା ରଥ ଓ ସନ୍ତୋଷ ରାୟ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଯୋଗ କେନ୍ଦ୍ରର ଶିବିରାର୍ଥୀମାନେ ବିଭିନ୍ନ ପାରମ୍ପରିକ ପିଠା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୁରଭି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ସୁନାଦୁବ



ସୁନାଦୁବ ପକ୍ଷରୁ ସଂସ୍କୃତି ଓ ପରମ୍ପରାର ପର୍ବ ରଜ ପର୍ବ କଟକ ଜିଲ୍ଲା ଚୌଦ୍ୱାର ବ୍ଲକ୍ ବଡବଜାରସ୍ଥିତ ସତ୍ୟନାରାୟଣ ପାଲା ସମିତି ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ତରଫରୁ ଗ୍ରାମର ଝିଅ ଓ ବୋହୂମାନଙ୍କ ମଧ୍ୟରେ ପାରମ୍ପରିକ ପ୍ରତିଯୋଗିତା ସହ ରଜ କୁଇନ୍-୨୦୨୪ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାଗୁଡିକୁ ଅନୁଷ୍ଠାନର ମଞ୍ଜୁଲତା ଜେନା, ଶୁଭ୍ରାଂଶୁ ମିଶ୍ର ପରିଚାଳନା କରିଥିଲେ। ଅପରାହ୍ନରେ ସଭାକାର୍ଯ୍ୟ ଓ ପୁରସ୍କାର ବିତରଣ ଉତ୍ସବ ଆରମ୍ଭ ହୋଇଥିଲା। ସଭାପତି ସନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅରେଞ୍ଜଗ୍ରୁପ୍‌ର ଟ୍ରଷ୍ଟି ସଙ୍ଗୀତା ଦାସ, ଉଦ୍‌ଘାଟକ ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟଅତିଥି ଭାବେ କର୍ପୋରେଟର ଅଜୟ କୁମାର ବେହେରା, ମୁଖ୍ୟବକ୍ତା ଭାବେ ସମୃଦ୍ଧି ମହାସଂଘର ସଭାପତି ସସ୍ମିତା ବେଉରା, ସମ୍ମାନିତ ବକ୍ତା ଭାବେ ବିବେକାନନ୍ଦ ଶିଶୁ ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ମାନସ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ୱାର୍ଡ ସଭାପତି ସରଶୀ ଚୌଧୁରୀ ଅନୁଷ୍ଠାନ ପକ୍ଷରୁ ଗ୍ରାମଗୁଡ଼ିକରେ ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ସଭାପତିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ରଜ ଗୀତ ଗାନ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ କୁମାରୀ ଦୀପ୍ତିମୟୀ ବାରିକଙ୍କୁ ରଜ କୁଇନ୍-୨୦୨୪ର ବିଜେତା ଭାବେ ଟ୍ରଫି ପ୍ରଦାନ କରାଯାଇଥିଲା।

### ସୁର୍ ମନ୍ଦିର

କଳାବିକାଶ କେନ୍ଦ୍ର ରଙ୍ଗମଞ୍ଚରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନୃତ୍ୟାନୁଷ୍ଠାନ ସୁର୍ ମନ୍ଦିର୍ ତରଫରୁ ରଜ ମହୋତ୍ସବ ପାଳନ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଆ ପରମ୍ପରା ଓ ସଂସ୍କୃତିର ମହାନ୍ ପର୍ବକୁ ପାଳନ କରାଯାଇ ନୃତ୍ୟର ଏକ ସୁମଧୁର ସନ୍ଧ୍ୟା, ଯାହା ସମଗ୍ର ଦର୍ଶକମାନଙ୍କୁ ଅଭିଭୂତ କରିଥିଲା। ମୁଖ୍ୟଅତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉତରାଏ, ସମ୍ମାନିତ ଅତିଥିଭାବେ ମେୟର-କଟକ, ସୁବାସ ସିଂ ଯୁଗ୍ମ ନିର୍ଦ୍ଦେଶକ-ଓରମାସ୍, ବିପିନ ବିହାରୀ ରାଉତ ମାଇନ୍ ମାଗ୍‌ମା ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସଞ୍ଜୀବ ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ରୁଚି ଫୁଡ଼ ଲାଇନର ମ୍ୟାନେଜିଂ ଡାଇରେକ୍ଟର, ପାରାଦୀପ ଫସଫେଟ୍ ଲିମିଟେଡ୍‌ର କର୍ପୋରେଟ୍ ବିଭାଗ ମୁଖ୍ୟ ସୁଧାଂଜନ ମିଶ୍ର, ବ୍ରାଣ୍ଡ କମ୍ୟୁନିକେସନ୍ ଏୟାରଟେଲ୍‌ର ମୁଖ୍ୟ ସିନିୟର ମ୍ୟାନେଜର କୀର୍ତ୍ତିନାଥ ତ୍ରିପାଠୀ ପ୍ରମୁଖ ଅତିଥି ସୁର୍ ମନ୍ଦିରର ଏହି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁର ମନ୍ଦିରର ୧୮୦ ଜଣ କଳାକାରମାନଙ୍କୁ ନେଇ ରଜ ସଂକ୍ରାନ୍ତି ଏବଂ ଶେଷ ରଜ ପରିବେଷିତ ହୋଇଥିଲା। ସୁର ମନ୍ଦିରର ମାଁ ମାନଙ୍କୁ ନେଇ ଟିକି ମୋର ଗାଁଟି ପରିବେଷିତ ହୋଇଥିଲା। ଏହାପରେ ପରେ ଏକକ ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରତିଭା ପଣ୍ଡା, ଦ୍ୱେତଓଡ଼ିଶୀ ନୃତ୍ୟରେ ହିମାଂଶୁ ଏବଂ ଦୀପ୍ତିରଂଜନ ଏବ ଦଳଗତ ଓଡ଼ିଶୀ ନୃତ୍ୟରେ ଭୁବନେଶ୍ୱରର ପ୍ରଜ୍ଞା ନୃତ୍ୟାୟନ ଅନୁଷ୍ଠାନର ପରିବେଷିତ ନୃତ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା। ରାଧା ମୋହନ ସାହୁ ଧନ୍ୟବାଦ ଅର୍ପଣ କରିବା ସହ ଏହି ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ଶ୍ରୀନିମାସ ଘଟୁଆରୀ।

### ବନ୍ଦେ ଉତ୍କଳ



ବନ୍ଦେ ଉତ୍କଳ ପକ୍ଷରୁ ରଜ ଉତ୍ସବ ସନ୍ଧ୍ୟାରେ ବଙ୍ଗାଳୀ ସାହିସ୍ଥିତ ମା' ଶାରଳା ସଦନରେ ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ନାନ ଦାସଙ୍କ ଅଧ୍ୟକ୍ଷତାରେ ପାଳନ ହୋଇଯାଇଛି। ଉତ୍ସବକୁ ଉଦ୍‌ଘାଟନ କରି ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ରାଷ୍ଟ୍ରଦୀପ ପ୍ରକାଶକ ଅନୁପ କୁମାର ବୋଷ ରଜ ଉତ୍ସବ ଓଡ଼ିଶାର ଗଣପର୍ବ ବୋଲି କହିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ହେମେନ୍ଦ୍ର ନାରାୟଣ ଦାସ ଉତ୍କଳୀୟ ସସ୍କୃତିରେ ରଜ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଆଲକପାତ କରିଥିଲେ। ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁ, ନରସିଂହ ମହାପାତ୍ର ଅଧ୍ୟାପକ ଡକ୍ତର ଜୟନ୍ତ କୁମାର ସ୍ୱାଇଁ, ବିଚିତ୍ରାନନ୍ଦ ମିଶ୍ର, ଆଇନଜୀବୀ ରାଜ ନାରାୟଣ ପ୍ରମୁଖ ରଜ ଉତ୍ସବକୁ ଆଲୋକପାତ କରିଥିଲେ। ଭଗବତୀ ଖଟୁଆ କବିତା ପାଠ କରିଥିଲେ। ମାନିନୀ ଡାନ୍ସ ଏକାଡେମୀ ସଂଯୋଜିକ ସୁଶ୍ରୀ ତ୍ରିପାଠୀଙ୍କ ସଂଯୋଜନାରେ ସମୂହ ରଜ ଗୀତ ଗାନ କରାଯାଇଥିଲା। ଆଇନଜୀବୀ ମିଳନ ବଡୁ ଧନ୍ୟବାଦ ଦେଇଥିଲେ।

## ରଜକୁମାରୀ ପ୍ରତିଯୋଗିତା

# ସଙ୍ଗୀତର ତାଳେତାଳେ ଝୁମିଲେ ଦର୍ଶକ

**ଫୁଲନଖରା, ୧୫।୬(ସମିସ)**



ଓଡ଼ିଶାର ପୁରପଲ୍ଲୀରେ ଉତ୍କଳୀୟ ପରମ୍ପରାର ଗଣପର୍ବ ରଜ ଉତ୍ସବ ବିଭିନ୍ନ ଢ଼ଙ୍ଗରେ ପାଳନ କରାଯାଉଥିବା ବେଳେ ନଖରା ଗ୍ରାମସ୍ଥିତ ମା' ଜାଗୁଳାଇଙ୍କ ପୀଠରେ ନୃତ୍ୟଗୀତର ଆସର ଦର୍ଶକମାନଙ୍କୁ ବିଭୋର କରିଛି। ବିଭିନ୍ନ ପ୍ରାୟୋଜକଙ୍କ ସହାୟତାରେ ମାରୁତି ଡିଜିଟାଲ ରଜ ମହୋତ୍ସବକୁ ଏକ ନିଆରା ଢ଼ଙ୍ଗରେ ପାଳନ କରିବାର ଲକ୍ଷ୍ୟ ନେଇ ଅଞ୍ଚଳରେ ଥିବା କୁନି କୁନି ପ୍ରତିଭା ମାନଙ୍କର କଳାତ୍ମକ ପ୍ରତିଭାର ବିକାଶ ନିମନ୍ତେ ଆୟୋଜନ କରିଥିଲା ନୃତ୍ୟ ପ୍ରତିଯୋଗିତା। ନୃତ୍ୟ ନିର୍ଦ୍ଦେଶକ ରୁଦ୍ରଙ୍କ ତତ୍ତ୍ୱାବଧାନରେ ପ୍ରାୟ ୫୦ ପ୍ରତିଯୋଗୀ ରଜକୁମାରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ସାଧାରଣ ଜ୍ଞାନ ପ୍ରତିଯୋଗିତା ମାଧ୍ୟମରେ ସଠିକ୍ ଉତ୍ତରଦାତାମାନଙ୍କୁ ରଜପାନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ଗ୍ରାମର ମୁରବୀ ମାନଙ୍କୁ ମଞ୍ଚ ଉପରେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ସହ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବଗୋଷ୍ଠୀ ମାନଙ୍କର ଏଭଳି ପ୍ରୟାସକୁ ବୟୋଜ୍ୟେଷ୍ଠ ମୁରବୀମାନେ ସମର୍ଥନ କରିବା ସହ ଆଗାମୀ ଦିନରେ ସମ୍ପୂର୍ଣ୍ଣ ସହଯୋଗ କରିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଦୁଇଦିନ ଧରି କୁମାରୀ ମାନଙ୍କ ନିମନ୍ତେ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମକୁ ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକ ଉପଭୋଗ କରିବା ସହ ସଙ୍ଗୀତର ତାଳେତାଳେ ଝୁମିଥିଲେ ଦର୍ଶକ। ଗଣେଶ ପ୍ରସାଦ ଦାଶ, ନଳିନୀ କୁମାର ସ୍ୱାଇଁ, ଅକ୍ଷୟ କୁମାର ଲେଙ୍କା, ହେମନ୍ତ କୁମାର ସାହୁ, ସୁରେନ୍ଦ୍ର ସାହୁ ଓ ବିରେନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବରେ କୁନି କୁନି କଳାକାରମାନଙ୍କୁ ଅଶୀର୍ବଚନ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ମୁକ୍ତିକାନ୍ତ ମହାପାତ୍ର ଓ ତନୁଶ୍ରୀ ମଲ୍ଲିକ ବିଚାରକ ଭାବରେ ରହିଥିବା ବେଳେ ପ୍ରିୟବ୍ରତ ସ୍ୱାଇଁ ଓ ବାବାଜୀ ଚରଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୋପୀନାଥପୁରରେ ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଘାଟିତ




**ସାଲେପୁର, ୧୫।୬(ସମିସ):** ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତର ହରିଡ଼ାପଡ଼ିଆଠାରେ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପା ଓ ବିଜୟାନନ୍ଦ ଯୁବ ପରିଷଦ ଆନୁକୂଲ୍ୟରେ ଷଷ୍ଠ ବାର୍ଷିକ ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରଜ ମହୋତ୍ସବ କମିଟିର ସଭାପତି ଜ୍ୟୋତିର୍ମୟୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ପାଗା ଫାଣ୍ଡି ଅଧିକାରୀ କୁଞ୍ଜବିହାରୀ ଧିର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସହକାରୀ ଫାଣ୍ଡି ଅଧିକାରୀ ରମେଶଚନ୍ଦ୍ର ଦାଶ ଓ ଅନ୍ୟତମ ଅତିଥି ରୂପେ ରୋଟାରୀ କ୍ଲବ୍ ଅଫ୍ କଟକର ପୂର୍ବତନ ସଭାପତି ସୁଜିତାଭ ଶତପଥୀ ଯୋଗ ଦେଇଥିଲେ। ବିଜୟାନନ୍ଦ ଯୁବ ପରିଷଦର ସମ୍ପାଦକ ବିଶ୍ୱରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରଜ ମହୋତ୍ସବ କମିଟିର ସମ୍ପାଦକ ଚଞ୍ଚଳା ବେହୁରା, ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପାର ସଭାପତି ପ୍ରଶାନ୍ତ ମହାନ୍ତି, ଦେବଜାନୀ ଜେନା, ରତ୍ନମଣି ଶତପଥୀ, ମାମିନା ଜେନା, ମନୋରଞ୍ଜନ ସାହୁ, ସଂଘମିତ୍ରା ରାଉତ, କବିତା ବିଶ୍ୱାଳ, ରାଜଶ୍ରୀ ମହାନ୍ତି, କଳ୍ପନା ଓଝା, ରାମଚନ୍ଦ୍ର ପାଣି, ରୋଜାଲିନ୍ ସ୍ୱାଇଁ ପରିଚାଳନା କରିଥିବାବେଳେ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ।

## ■ ଆଠଗଡ଼ ଯୁବ ସଂଗଠନ ପକ୍ଷରୁ ରଜ ମଉଜ

# ଛାତ୍ରୀ ଓ ଗୃହିଣୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା





**ଆଠଗଡ଼, ୧୫।୬(ସମିସ):** ଆଠଗଡ଼ ଏନଏସି ଅନ୍ତର୍ଗତ କନ୍ତୋଲ ଜଗନ୍ନାଥ ମଣ୍ଡପଠାରେ ୩ଦିନ ବ୍ୟାପି ରଜ ମଉଜ ପାଳିତ ହେଉଛି। ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ବଜାୟ ରଖିବା ପାଇଁ କନ୍ତୋଲ ଯୁବ ସଂଗଠନ ଚଳିତ ବର୍ଷ ଉଦ୍ୟମ ଜାରି ରଖିଛି। ରଜ ପର୍ବ ଉପଲକ୍ଷେ ଗ୍ରାମର ସ୍କୁଲ, କଲେଜ ଛାତ୍ରୀଙ୍କ ସମେତ ବିଭିନ୍ନ ସାହିର କୁମାରୀ ଓ ଗୃହିଣୀଙ୍କ ମଧ୍ୟରେ ପ୍ରତିଯୋଗିତା ମାନ ଆୟୋଜିତ ହୋଇଥିଲା। ପହିଲି ରଜଠାରୁ ନୃତ୍ୟ, ସଙ୍ଗୀତ, ଝୋଟି, ଚିତା, ଶଙ୍ଖନାଦ, ହୁଳହୁଳି, ପିଠା ପ୍ରସ୍ତୁତି ସହ ଅନ୍ୟାନ୍ୟ ପ୍ରତିଯୋଗିତା ହୋଇଛି। ଏଥିସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରବିବାର ରଜଉତ୍ସବରେ ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି. ଶୁଭ୍ର ଶଙ୍କର ଜ୍ୟୋତି ଅତିଥି ଭାବେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିବେ ବୋଲି ସଂଗଠନର ସମ୍ପାଦକ କରିମ୍ମ ମହମ୍ମଦ ପ୍ରକାଶ କରିଛନ୍ତି। ସମ୍ପାଦକ ଶ୍ରୀ ଅହମ୍ମଦଙ୍କ ସମେତ ସ୍ମୃତିରଞ୍ଜନ ପ୍ରଧାନ, ବିଷ୍ଣୁପ୍ରସାଦ ବାରିକ, ସର୍ବଜିତ ନାୟକ, ରାଜନୀକାନ୍ତ ବାରିକ, ବିଚିତ୍ରାନନ୍ଦ ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ରଜ ମହୋତ୍ସବର ଉଦ୍‌ଘାଟନୀ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ନିଶ୍ଚିନ୍ତକୋଇଲି, ୧୫।୬(ସମିସ):** ନିଶ୍ଚିନ୍ତକୋଇଲି ମା' ବେଲେଶ୍ୱରୀ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଅହମ୍ମଦ ବକ୍ସ ସ୍କୁଲ ପଡ଼ିଆରେ ରଜ ମହୋତ୍ସବ ଅନୁଷ୍ଠିତ ହେଉଛି। ପରିଷଦର ଉପଦେଷ୍ଟା, ନାଟ୍ୟକାର ରବୀନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଏହାର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାରସ୍ୱତ ସଂଗଠକ ସମାଜସେବୀ ଶଶଧର ପଣ୍ଡା, ମୁଖ୍ୟବକ୍ତା ଭାବେ ଉର୍ବୀ ପତ୍ରିକାର ସମ୍ପାଦକ ଶ୍ରୀଧର ଶେଖର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପରିବାର ସଭାପତି ବଲ୍ଲଭ ଚରଣ ପଲେଇ, ଏସଏମ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ.ରମାନାଥ ସାହୁ, ପୂର୍ବତନ ସରପଞ୍ଚ କ୍ଷୀରୋଦ ପଣ୍ଡା, ସମାଜସେବୀ ନିରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପରିଷଦର ସଭାପତି ରଞ୍ଜନ ଚାନ୍ଦ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।



ପରିବାରର ସମ୍ପାଦକ ପ୍ରମୋଦ କୁମାର ନାୟକଙ୍କ ସଂଯୋଜନାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପି.ପି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଏକାଦଶୀ ସେନାପତି, ରାଜ୍ୟ ପ୍ରାକ୍ତନ ମୁଖ୍ୟ ଅଗ୍ନିଶମ ଅଧିକାରୀ ମହେଶ୍ୱର ସ୍ୱାଇଁ, ସାରସ୍ୱତ ସାଧକ ଶିକ୍ଷାବିତ୍ ଅକ୍ଷୟ କୁମାର ଷଡ଼ଙ୍ଗୀ, ପ୍ରାକ୍ତନ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରଭାକର ସାହୁ, ବିଆରସିସି ଲକ୍ଷ୍ମୀନାରାୟଣ ରାଉତ, ସ୍ୱାସ୍ଥ୍ୟକର୍ମୀ ତଡ଼ିତ ମଲିକ, ସାହିତ୍ୟିକ ପଲ୍ଲବୀ ଦାସ, ସାରସ୍ୱତ ସଂଗଠକ ସୁକୁମାର ସାମଲ, ସାହିତ୍ୟିକ କୁଳମଣି ସାହୁ, କଣ୍ଠଶିଳ୍ପୀ କୁମାର ଜାନୁଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ହରପ୍ରିୟା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ■ ରଜରେ କଣ୍ଢେଇ ପୂଜାର ନିଆରା ପରମ୍ପରା

# ବିମାନରେ କଣ୍ଢେଇ ରଖି ପୂଜା କରନ୍ତି ଯୁବତୀ

**ମାହାଙ୍ଗା, ୧୫।୬(ସମିସ):** ଓଡ଼ିଶା ସଂସ୍କୃତିକୁ ନେଇ ରହିଛି ଅନେକ ପରମ୍ପରା ଓ ଲୋକକଥା। କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଘିସୁଆଁ ଗ୍ରାମରେ କଣ୍ଢେଇ ପୂଜାକୁ ନେଇ ଦେଖିବାକୁ ମିଳିଛି ଏକ ନିଆରା ପରମ୍ପରା। ଏଠାରେ ରଜ ପର୍ବ ତିନି ଦିନ ଧରି ପାଳନ ହୋଇଥାଏ। ବିଶେଷକରି ଗାଁ ଯୁବତୀମାନେ ଗୋଟିଏ ଘରେ ସୁସଜ୍ଜିତ ଭାବେ ସମସ୍ତେ କେତେଗୁଡ଼ିଏ କଣ୍ଢେଇକୁ ଏକତ୍ରିତ କରି ଏକ ବିମାନରେ ରଖି ପୂଜା କରିଥାନ୍ତି। ଏହି ପରମ୍ପରାଟି ପିଢ଼ି ପିଢ଼ି ଧରି



ଚାଲି ଆସିଥିବା ଗ୍ରାମର କୁଆଁରୀମାନେ ମତ ପ୍ରକାଶ କରିଛନ୍ତି। ସେହି ଘରେ ଗ୍ରାମର ଯୁବତୀମାନେ ପୂଜାର୍ଚ୍ଚନା କରିବା ସହ ବିଭିନ୍ନ ପିଠାପଣା ଫଳମୂଳ ଭୋଗ କରିଥାନ୍ତି। ଏଠାରେ ପଡ଼ିଥିବା ବିଛଣା ତିନିଦିନ ଧରି ଉଠାଯାଏ ନାହିଁ। ଏପରିକି ଯୁବତୀମାନେ ଅନ୍ୟ ଘରକୁ ଯାଆନ୍ତିନାହିଁ। ଏହି ସମୟରେ ଘର ଭିତରେ ଲୁଡୁ, କ୍ୟାରମ୍, ତାସ ଆଦି ବିଭିନ୍ନ ଖେଳ ଖେଳିଥାନ୍ତି। ଏହି ତିନି ଦିନରେ ଦୋଳି ଖେଳ ସାଙ୍ଗକୁ, ପିଠା ପଣା, ରଜ ପାନ ସାଙ୍ଗକୁ ଭୋଜି ଭାତ, ନାଚ ଗୀତ ଆଦି କରାଯାଇଥାଏ। ଏହି କଣ୍ଢେଇ ପୂଜା ପାଇଁ ଦୂରରେ ଥିବା ବିବାହିତ ଝିଅ ମାନେ ଆସି ଏଠାରେ ସାମିଲ ହୋଇଥାନ୍ତି। ଯାହାଫଳରେ ରଜରେ କଣ୍ଢେଇ ପୂଜାକୁ ନେଇ ଗ୍ରାମରେ ଏକ ଭାଇଚାରା ପରମ୍ପରା ସୃଷ୍ଟି ହୋଇପାରିଛି।

# ଫ୍ରେଣ୍ଡସ ୟୁନିୟନର ରଜ ମହୋତ୍ସବ

**ନିଶ୍ଚିନ୍ତକୋଇଲି, ୧୫।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କେନ୍ଦୁପାଟଣା ପଞ୍ଚାୟତ ନଟରା ଗ୍ରାମରେ ଥିବା ଫ୍ରେଣ୍ଡସ ୟୁନିୟନ ଆନୁକୂଲ୍ୟରେ ଧୁମଧାମ୍ ରେ ରଜ ମହୋତ୍ସବ ପାଳିତ ହେଉଛି। ମହୋତ୍ସବ ପଡ଼ିଆରେ ବାଉଁଶ ଦୋଳି, ପିଢା ଦୋଳି, ଦୌଡ଼ି ଦୋଳି, ଢିଙ୍କି ଦୋଳି, ଚରକି ଦୋଳି, ସୋଫା ଦୋଳି, ଶିଢ଼ି ଦୋଳି ଓ ରାମ ଦୋଳି ଇତ୍ୟାଦି ଲଗାଯାଇଛି। ସନ୍ଧ୍ୟାରେ ବିଭିନ୍ନ ଡ୍ୟାନ୍ସ ଗ୍ରୁପ ଦ୍ୱାରା



ସାଂସ୍କୃତିକ କାର୍ଯ୍ୟକ୍ରମ କ ର ା ଯ ା ଉ ଛି । ୟୁନିୟନର ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା କରାଯାଉଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ୟୁନିୟନର ସଭାପତି ପ୍ରଶାନ୍ତ ପୃଷ୍ଟିଙ୍କ ସଂଯୋଜନାରେ ମୁଖ୍ୟ ପରିଚାଳକ ରଞ୍ଜନ କୁମାର ସାହୁ, ଶିବାନନ୍ଦ ସାହୁ, କୋଷାଧ୍ୟକ୍ଷ କିରଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଆନନ୍ଦ ଓଝା, ସୁଶାନ୍ତ ପୃଷ୍ଟି, ଅଭିମନ୍ୟୁ ମଲିକ, କାଳିନ୍ଦୀ ମଲିକ, ଉମାନୀ ସାହୁ, ଅରୁ ସାହୁ, ରମା ପୃଷ୍ଟି, ମନୋରଞ୍ଜନ ସାହୁ, କୁମାର ମଙ୍ଗଳମ ସାହୁ, ବନମାଳି ସାହୁ ଓ ମାନସ କୁମାର ସାହୁ ପ୍ରମୁଖ ପରିଚାଳନା କରୁଛନ୍ତି।

# ରଜ ସଂକ୍ରାନ୍ତିରେ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



**ନିଶ୍ଚିନ୍ତକୋଇଲି, ୧୫।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ଜିଗ୍ନୀପୁର ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୩ ମାଟ୍ରିକ ବ୍ୟାଚର ୧୬ତମ ବାର୍ଷିକ ବନ୍ଧୁମିଳନ ଉତ୍ସବ ପବିତ୍ର ରଜ ସଂକ୍ରାନ୍ତି ଅବସରରେ ବ୍ରହ୍ମକ୍ଷେତ୍ରଠାରେ ଅନୁଷ୍ଠିତ ହୋଇଛି। ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତଙ୍କ ପୌରୋହିତ୍ୟ ଓ ଶିକ୍ଷକ ଜଗବନ୍ଧୁ ବିଶ୍ୱାଳଙ୍କ ସଂଯୋଜନାରେ ଏଥିରେ କେନ୍ଦ୍ର ସରକାରଙ୍କ ଖାଦ୍ୟ ଓ ଯୋଗାଣ ବିଭାଗ ନିର୍ଦ୍ଦେଶକ ସୀତାଂଶୁ କୁମାର ଦାସ, ସମାଜସେବୀ ଶାରଦା ପ୍ରସାଦ ଆଚାର୍ଯ୍ୟ, ଆଇନଜୀବୀ ରାମଚନ୍ଦ୍ର ଲେଙ୍କା, ଶିକ୍ଷକ ବନବିହାରୀ ରାଉତ, ପତିତପାବନ ବାରିକ, ପ୍ରହ୍ଲାଦ ମହାପାତ୍ର, ପ୍ରମୋଦ ବେଜ, ମଧୁସୂଦନ ମହାପାତ୍ର, ନାରାୟଣ ମହାରଣା, ପବିତ୍ରମୋହନ ପ୍ରଧାନ, କାଳିନ୍ଦୀ ସାହୁ, ନଗେନ୍ଦ୍ର ରାଉତ, ପ୍ରଫୁଲ୍ଲ ପୃଷ୍ଟି, ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଜୀବନରେ ବହୁ ପୁରୁଣା ସ୍ମୃତି ଓ ଅନୁଭୂତିକୁ ବଖାଣିଥିଲେ। ପ୍ରାରମ୍ଭରେ ଏହି ବ୍ୟାଚର ସହପାଠୀ ମନମୋହନ ମହାନ୍ତି, ବରଦା ପ୍ରସନ୍ନ ନାୟକ, ଗୋବିନ୍ଦଚନ୍ଦ୍ର ରାଉତ, ଅର୍ଜୁନ ମଲିକ, ମୀର୍ ଇସମାଇଲ, ଅନିଲ ସାମଲ ଓ ଗଗନବିହାରୀ ଦାସଙ୍କ ଅକାଳ ବିୟୋଗରେ ଦିବଂଗତ ଆତ୍ମାର ସଦଗତି କାମନା ପାଇଁ ୧ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଆଗାମୀ ଦିନରେ ବିଭିନ୍ନ ସମସ୍ୟା ଅସୁବିଧାରେ ପଡୁଥିବା ସାଙ୍ଗମାନଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା।

# କିଶନନଗରରେ ରଜ ମହୋତ୍ସବ

**କିଶନନଗର, ୧୫।୬(ସମିସ):** କଟକ ସଦର କିଶନନଗର ହାଟ ପଡ଼ିଆରେ ରଜ ମେହାତ୍ସବ ଅନୁଷ୍ଠିତ ହୋଇଯାଇଛି। ରଜ ମହୋତ୍ସବ କମିଟି ଆନୁକୂଲ୍ୟରେ ଶୁକ୍ରବାର ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ସାଂସଦ ଭର୍ତ୍ତୃହରି ମହତାବ ଯୋଗ ଦେଇଥିଲେ। ଅଭିନେତ୍ରୀ ତୃପ୍ତି ମିରାମ୍ବିକା, ନାରୀନେତ୍ରୀ ପ୍ରତିଭା ଶତପଥୀ, କୃଷକ ନେତା ହୃଷୀକେଶ ଜେନା, ସରପଞ୍ଚ ସୁଜାତା ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ଶନିବାର ଅନୁଷ୍ଠିତ ତୃତୀୟ ସନ୍ଧ୍ୟାରେ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ କାଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଯୋଗ ଦେଇଥିଲେ। ବିଶିଷ୍ଟ କଳାକାର ରବି ମିଶ୍ର, ଚୌଧୁରୀ ସତ୍ୟ ଦାସ ଏଥିରେ ଯୋଗ ଦେଇଥିଲେ। ସଦର ଅଞ୍ଚଳର ବିଭିନ୍ନ ହାଇସ୍କୁଲର ବୋର୍ଡ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଓ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନଗୁଡ଼ିକୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ରଘୁନାଥ ଚୌଧୁରୀ।



# ରେଭେନ୍ସା ବିବିଏ ଟପ୍ପର ହେଲେ ଚୌଦ୍ୱାରର ଅଭିବନ୍ଦିତା

**ଚୌଦ୍ୱାର, ୧୫।୬(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ନାତକ ବିବିଏ ପରୀକ୍ଷାରେ ଚୌଦ୍ୱାରର ଅଭିବନ୍ଦିତା ପରିଜା ବିଶ୍ୱବିଦ୍ୟାଳୟସ୍ତରରେ ଟପ୍ପର ହୋଇଛନ୍ତି। ଚୌଦ୍ୱାର ମହିଳା ମହାବଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ପରିଜା ଏବଂ ରତ୍ନା ପରିଜାଙ୍କ କନ୍ୟା ଅଭିବନ୍ଦିତା ବିବିଏ ପାଠ୍ୟକ୍ରମରେ ପରୀକ୍ଷା ଦେଇଥିବା ମୋଟ ୧୮୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖି ଶୀର୍ଷ ସ୍ଥାନରେ ରହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, କୁଳସଚିବ କାହ୍ନୁଚରଣ ମଲ୍ଲିକଙ୍କ ସମେତ ବିଭାଗୀୟ ଅଧ୍ୟାପନାମଣ୍ଡଳୀ ଅଭିବନ୍ଦିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ସପନପୁରରେ ରାମଲୀଳା ଉଦ୍‌ଘାଟିତ

**ଟାଙ୍ଗୀ, ୧୫।୬(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁର ଗ୍ରାମରେ ଅଷ୍ଟମ ବାର୍ଷିକ ରାମଲୀଳା ଉଦଘାଟିତ ହୋଇଯାଇଛି। ରାମଲୀଳା କମିଟିର ମୁଖ୍ୟ ତଥା ଶିକ୍ଷାବିତ ବନମାଳି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସୁବୋଧ କୁମାର ସାମଲ, ନାଏବ ସରପଞ୍ଚ ମାନସ ଭଗତ, ସମାଜସେବୀ ସୁବାସଚନ୍ଦ୍ର ବେଉରା ପ୍ରମୁଖ ଓଡ଼ିଶା ସଂସ୍କୃତି ପରମ୍ପରାକୁ ରକ୍ଷା କରିବାକୁ ହେଲେ ଆଧ୍ୟାତ୍ମିକ ଭାବନା ସମସ୍ତଙ୍କ ପାଖରେ ରଖିବା ନିହାତି ଆବଶ୍ୟକ ଏବଂ ରାମଲୀଳା ସଂସ୍କୃତି ଏକ ମାଧ୍ୟମ ବୋଲି ଆଲୋକପାତ କରିଥିଲେ। ଏହି ଅବସରରେ ଗ୍ରାମର କଳାକାରଙ୍କ ଦ୍ୱାରା ପ୍ରଥମରାତ୍ରରେ ସୀତା ବିବାହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କମିଟିର ସନ୍ତୋଷ ଜେଠୀ, ତରଣୀସେନ ଓଝା ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଧ୍ରୁବାନନ୍ଦ-ସରୋଜିନୀ ସେବା ଟ୍ରଷ୍ଟ ଉଦ୍‌ଘାଟିତ

# ମାଟ୍ରିକ ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ମାହାଙ୍ଗା, ୧୫।୬(ସମିସ)**



ମାହାଙ୍ଗା ବ୍ଲକ ତଥା ପୋଡ଼ାମରାଇ ପଞ୍ଚାୟତ ଅନ୍ତର୍ଗତ ଅଲିଆରା ଗ୍ରାମର ଆଦର୍ଶ ଶିକ୍ଷକ ସ୍ୱର୍ଗତ ଧ୍ରୁବାନନ୍ଦ ରାଉତ ଓ ତାଙ୍କ ପୁତ୍ରବଧୂ ଶିକ୍ଷୟିତ୍ରୀ ସ୍ୱର୍ଗତ ସରୋଜିନୀ ରାଉତଙ୍କ ନାମରେ ତାଙ୍କ ପରିବାର ପକ୍ଷରୁ 'ଧ୍ରୁବାନନ୍ଦ-ସରୋଜିନୀ ସେବା ଟ୍ରଷ୍ଟ' ନାମରେ ଏକ ସେବା ଅନୁଷ୍ଠାନ ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଯତିନ୍ଦ୍ର କୁମାର ରାଉତ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଦିଲ୍ଲୀପ କୁମାର ପ୍ରଧାନ, ପରିବେଶବିତ ଚିତ୍ତରଞ୍ଜନ ରାଉତ, ଅଧ୍ୟାପକ ଡ. ମନୋରଞ୍ଜନ ବେହୁରା, ସାମ୍ବାଦିକ ତଥା ସାହିତ୍ୟିକ ଭକ୍ତଚରଣ ସାହୁ, ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନ ଓ ଇଂ ପ୍ରଭାତ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ମାହାଙ୍ଗା ବ୍ଲକ ଅନ୍ତର୍ଗତ ୧୫ଟି ଉଚ୍ଚ ବିଦ୍ୟାଳୟର ୧୬ ଜଣ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଷ୍ଟ ପକ୍ଷରୁ ଏକ ହଜାର ଟଙ୍କାର ଆର୍ଥିକ ସହାୟତା ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଟ୍ରଷ୍ଟ ସଭାପତି ପ୍ରଫେସର ଡ. ଭାଗ୍ୟଧର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଟ୍ରଷ୍ଟ ସମ୍ପାଦକ ପ୍ରାଧ୍ୟାପକ ପରମାନନ୍ଦ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଇଂ ଶାରଦା ପ୍ରସାଦ ରାଉତ, ଦିଲ୍ଲୀପ କୁମାର ରାଉତ, ରମାକାନ୍ତ ରାଉତ, ଜ୍ଞାନରଞ୍ଜନ ରାଉତ, ଶାରଦା ରାଉତ ଓ ଜ୍ୟୋତିରଞ୍ଜନ ରାଉତଙ୍କ ସମେତ ରାଉତ ପରିବାରର ସଦସ୍ୟ ସହଯୋଗ କରିଥିଲେ।

## ଆଜବେଷ୍ଟସ ଉପରୁ ପଡ଼ି ଯୁବକଙ୍କ ମୃତ୍ୟୁ



**ମାହାଙ୍ଗା, ୧୫।୬(ସମିସ):** ମାହାଙ୍ଗା ଥାନା ଅନ୍ତର୍ଗତ କୁମୁଡା ଜୟପୁର ପାଣ୍ଡି ଅଧୀନ ମଧୁପୁର ଗ୍ରାମର ସୁଶାନ୍ତ କୁମାର ପ୍ରଧାନ (୪୭) ନିଜ ଘର ଆଜବେଷ୍ଟସ ଛାତ ଉପରେ ଚଢ଼ି ମରାମତି କରୁଥିବା ବେଳେ ହଠାତ୍ ଗଳିପଡ଼ି ପ୍ରାଣ ହରାଇଛନ୍ତି। ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଶନିବାର ଏକ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। ସୂଚନାଯୋଗ୍ୟ, ସୁଶାନ୍ତଙ୍କ ପରିବାରରେ ପତ୍ନୀ ଓ ଦୁଇ ଝିଅ ଅଛନ୍ତି। ସେ ଜଣେ ଗରିବ ଶ୍ରମିକ ହୋଇଥିବା ବେଳେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ପରିବାର ତାଙ୍କୁ ହରାଇ ଏବେ ବେସାହାରା ହୋଇପଡିଛନ୍ତି। ତେଣୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇଦେବା ନିମନ୍ତେ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## କୂଅରେ ଖସି ପଡ଼ି ବୃଦ୍ଧ ଗୁରୁତର

**ଆଠଗଡ଼,୧୫।୬(ସମିସ):** ଆଠଗଡ଼ ଏନଏସି ଅନ୍ତର୍ଗତ ୮ନଂ ୱାର୍ଡ ବୀର କିଶୋରପୁରର ଜଣେ ୭୨ ବର୍ଷୀୟ ବୃଦ୍ଧ କୂଅ ମଧ୍ୟରେ ଖସିପଡ଼ି ଆହତ ହୋଇଥିବା ଜଣାପଡିଛି। ସମ୍ପୃକ୍ତ ବୃଦ୍ଧ ବଳଭଦ୍ର ପଣ୍ଡା ଶନିବାର ଅପରାହ୍ନ ସମୟରେ ଘରପାଖ କୂଅ ମୂଳରେ କିଛି କାର୍ଯ୍ୟ କରୁଥିଲେ। ଅସାବବଧାନତା ହେତୁ ୩୦ ଫୁଟରୁ ଅଧିକ ଗଭୀର କୂଅ ମଧ୍ୟରେ ଖସି ପଡିଥିଲେ। ଶବ୍ଦ ଶୁଣି ପରିବାର ଲୋକେ ଦେଖିବାରେ ଶ୍ରୀ ପଣ୍ଡା ଉବୁଟୁବୁ ହୋଇ କୂଅର ଗୋଟିଏ ପାଖରେ ରହି ଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆଗ୍ନିକ ଅନୁଜ ସେଠୀ ଦୌଡ଼ି ସିଡ଼ି ସହାୟତାରେ ଶ୍ରୀ ପଣ୍ଡାଙ୍କୁ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। କୂଅ ମଧ୍ୟରେ ଅଣନିଶ୍ୱାସୀ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହୋଇଥିଲେ।

## ମୋବାଇଲ ଫୋନ ଫାଟି ଶିଶୁ ଆହତ



**ବଡମ୍ବା, ୧୫।୬(ସମିସ):** ମୋବାଇଲ ଫୋନ ଫାଟିବାରୁ ବଡମ୍ବା ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର କୈବର୍ତ୍ତ ସାହିର ବଳଭଦ୍ର ଦଲେଇଙ୍କ ୫ ବର୍ଷର ଶିଶୁପୁତ୍ର ବୈଭବ ଆହତ ହୋଇଛନ୍ତି। ବୈଭବ ମୋବାଇଲ ଚଳାଉଥିବା ବେଳେ ମୋବାଇଲ ଫୋନ ଫାଟିଥିଲା। ଏଥିରେ ଶିଶୁପୁତ୍ର ଜଣକ ଗୁରୁତର ଆହତ ହୋଇ ପ୍ରଥମେ ବଡମ୍ବା ଡାକ୍ତରଖାନା ଏବଂ ପରେ ଅବସ୍ଥା କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି।

## କ୍ରୀଡ଼ା ଶିକ୍ଷୟିତ୍ରୀଙ୍କ ଆତ୍ମହତ୍ୟା



ମାହାଙ୍ଗା,୧୫।୬(ସମିସ): ମାହାଙ୍ଗା ଥାନା ଆନନ୍ଦପୁର ପଞ୍ଚାୟତ ଖର୍ଡ଼ାଙ୍ଗ ଗ୍ରାମରେ ଜଣେ କ୍ରୀଡ଼ା ଶିକ୍ଷୟିତ୍ରୀ ନିଜ ଘର ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଖର୍ଡ଼ାଙ୍ଗସ୍ଥିତ କସ୍ତୁରିବା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଉକ୍ତ ଶିକ୍ଷୟିତ୍ରୀ କ୍ଷଣପ୍ରଭା ଦାସ (୫୩) ସେହି ଗ୍ରାମରେ ଏକ ଭଡ଼ା ଘରେ ରହି ଆସୁଥିଲେ। ତିନି ମାସ ହେବ ସେ ପେଟ ରୋଗରେ ଆକ୍ରାନ୍ତ ହୋଇ ଘରେ ଚିକିତ୍ସିତ ହେଉଥିଲେ। ଶନିବାର ସ୍ୱାମୀ ଗଗନ ବିହାରୀ ବଳ ଜଣେ ବନ୍ଧୁ ଘରକୁ ଯାଇଥିଲେ। ଦିନ ଗୋଟାଏ ବେଳେ ପେଟରେ ଯନ୍ତ୍ରଣା ଅନୁଭବ ହେବାରୁ କ୍ଷଣପ୍ରଭା ପୁଅକୁ ଔଷଧ ପାଇଁ ବାହାରକୁ ପଠାଇ ଘରେ କେହି ନଥିବାର ସୁଯୋଗ ନେଇ ଘର ଫ୍ୟାନରେ ଶାଢ଼ି ସାହାଯ୍ୟରେ ରଶି ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୁଅ ଔଷଧ ନେଇ ଘରକୁ ଫେରିବା ପରେ ମା' ପଙ୍ଖାରେ ଝୁଲୁଥିଲେ। ସେ ତୁରନ୍ତ ବାପାଙ୍କୁ ଖବର ଦେଇଥିଲେ। ତାଙ୍କ ସ୍ୱାମୀ ମହାଙ୍ଗା ଥାନାରେ ଲିଖିତ ସୂଚନା ଦେବାପରେ ପୁଲିସ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଛେଦ ନିମନ୍ତେ କଟକ ବଡ଼ ମେଡିକାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ଏସଆଇ ଆର୍ତ୍ତବନ୍ଧୁ ସେଠୀ ସୂଚନା ଦେଇଛନ୍ତି।

### କୁଏତ ଅଗ୍ନିକାଣ୍ଡ ଘଟଣା

# ଶୋକାକୁଳ ପରିବେଶରେ ମୃତ ଯୁବକଙ୍କ ଅନ୍ତିମ ସଂସ୍କାର

ତିଗିରିଆ, ୧୫।୬ (ସମିସ)



ଦକ୍ଷିଣ କୁଏତର ନାଶେରା ଅଲ୍ଲବଦ୍ଧ ଟ୍ରେଡିଙ୍ଗ କମ୍ପାନୀରେ ସିବିଲ ଲାବୋରାଟରୀ ଟେକ୍ନିସିଆନ ରୂପେ କାର୍ଯ୍ୟରତ ଥିବା ବେଳେ ଅଗ୍ନିକାଣ୍ଡ ଯୋଗୁଁ ପ୍ରାଣ ହରାଇଥିବା କଟକ ଜିଲ୍ଲା ତିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀ ଗ୍ରାମର ମହମ୍ମଦ ଜହୁରଙ୍କ ପାର୍ଥିବ ଶରୀର ଶନିବାର ତାଙ୍କ

### ପରିବାରକୁ ଭେଟିଲେ ବିଧାୟକ ତଥା ଆଠଗଡ ଉପଖଣ୍ଡ ପ୍ରଶାସନିକ ଅଧିକାରୀ

କରଡାପଲ୍ଲୀସ୍ଥିତ ବାସଭବନରେ ପହଞ୍ଚିଲା ପରେ ଭାବବିହ୍ୱଳ ପରିବେଶରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ହଜାର ହଜାର ଜନସାଧାରଣ ତଥା ଆଠଗଡ଼ ଉପଖଣ୍ଡ ଓ ତିଗିରିଆ ବ୍ଲକର ଜନସାଧାରଣ କରଡାପଲ୍ଲୀସ୍ଥିତ ମହମ୍ମଦ ଜହୁରଙ୍କ ବାସଭବନକୁ ଯାଇ ତାଙ୍କର ଅନ୍ତିମ ଦର୍ଶନ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି। ମୁସଲମାନ ଧର୍ମର ରୀତିନୀତି ମଧ୍ୟରେ ଅପରାହ୍ନ ୫ଟା ସମୟରେ ଗ୍ରାମ କବରଖାନାରେ ତାଙ୍କ ପାର୍ଥିବ ଶରୀରକୁ କବର ଦିଆଯାଇଛି। ଏହି ଘଟଣାକୁ ନେଇ ତିଗିରିଆ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖାଯାଇଥିଲା। ସୂଚନା ମୁତାବକ, ମୃତ ମହମ୍ମଦ ଜହୁର କମ୍ପାନୀରେ ସିବିଲ ଲାବୋରାଟରୀ ଟେକ୍ନିସିଆନ ଥିଲେ। ବୁଧବାର ସକାଳେ ନିକଟସ୍ଥ ମସ୍‌ଜିଦ୍‌ରେ ନମାଜ ପାଠ କରି ସାରିବା ପରେ ନାଶେରା ଅଲ୍ଲବଦ୍ଧ ଟ୍ରେଡିଙ୍ଗ କମ୍ପାନୀର ୬ ମହଲା ବିଶିଷ୍ଟ କୋଠାର ୫ମ ମହଲା କୋଠାକୁ ଯାଉଥିବା ବେଳେ ହଠାତ ଅଗ୍ନିକାଣ୍ଡ ଘଟିଥିଲା। ସେହି ସମୟରେ ତାଙ୍କର ସହକର୍ମୀମାନେ



ନିଦରୁ ଉଠି ନଥିବାରୁ ଜହୁର ତାଙ୍କୁ ନିଦରୁ ଉଠାଇଥିଲେ। ସହକର୍ମୀମାନେ ନିଦରୁ ଉଠି ନିଜର ଜୀବନ ବଞ୍ଚାଇବା ପାଇଁ ୬ଷ୍ଠ ମହଲା ଉପରକୁ ଚାଲିଯିବାକୁ ସକ୍ଷମ ହୋଇଥିବା ବେଳେ ଜହୁର ନିଆଁଧାସରେ ଗୁରୁତର ହୋଇଥିଲେ। ଦମକଳବାହିନୀ ସହାୟତାରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ତାଙ୍କର ଜଣେ ସଂପର୍କୀୟ ଭାଇ ତାଙ୍କୁ ଚିହ୍ନଟ କରିବା ପରେ ତାଙ୍କ ଶବକୁ ଓଡ଼ିଶା ଆଣିବା ପାଇଁ ପ୍ରୟାସ ଜାରି ହୋଇଥିଲା। ଶନିବାର ସକାଳେ ମହମ୍ମଦ ଜହୁରଙ୍କ ମୃତଦେହ ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ତାଙ୍କ ମରଶରୀରକୁ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଶ୍ରଦ୍ଧାସୁମନ ଜ୍ଞାପନ କରାଯିବା ପରେ ତିଗିରିଆ ଆସିଥିଲା। ତାଙ୍କ ମୃତଦେହକୁ ଆଣିବା ପାଇଁ କରଡାପଲ୍ଲୀ ଗ୍ରାମର ଶତାଧିକ ଯୁବକ ମୋଟର ସାଇକଲ ଯୋଗେ ଭୁବନେଶ୍ୱର ଯାଇଥିଲେ। ମୃତଦେହକୁ ଗ୍ରହଣ କରିବା ପରେ ଗ୍ରାମର ଯୁବକମାନେ ଏକ ଶୋଭାଯାତ୍ରାରେ ବାହାରି ତିଗିରିଆ ବ୍ଲକ ନିଜିଗଡ ପଞ୍ଚାୟତ କରଡାପଲ୍ଲୀଗ୍ରାମକୁ ଆଣିବା ପୂର୍ବରୁ ହଜାର ହଜାର ଜନସାଧାରଣ କରଡାପଲ୍ଲୀ ଗ୍ରାମରେ ଏକତ୍ରିତ ହୋଇଥିଲେ। ଜାତି, ବର୍ଣ୍ଣ ଧର୍ମ ନିର୍ବିଶେଷରେ ଉପସ୍ଥିତ ଜନତା କରଡାପଲ୍ଲୀ ଗ୍ରାମକୁ ଶୋକାକୁଳ କରିଦେଇଥିଲେ। ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଜେଡି ଯୁବ ସଂଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ରାଜ୍ୟ ବିଜେପି ସଂଖ୍ୟାଲଘୁ ସେଲର ସଭାପତି ସିକନ୍ଦର ଅଲ୍ଲୀ, ବିଜେପି ନେତା ବିକ୍ରମ କେଶରୀ ଦାସ, ନିଜିଗଡ ସମିତିସଭ୍ୟ ପ୍ରତିନିଧି ପନିଆଁ ଖାଁ, ଅହମ୍ମଦିୟା ସଂଗଠନର ପୂର୍ବ ଭାରତ ଅନସାରୁଲ୍ଲା ଉପସଭାପତି ମହମ୍ମଦ ସଫାରତ, ଗ୍ରାମ୍ୟ କମିଟି ସଭାପତି ଅବଦୁଲ ମାଲିକ, ଉମରମା ସାହେବ ସେକ୍ ଅସରଫ ଅଲ୍ଲୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୃତ ମହମ୍ମଦ ଜହୁରଙ୍କ ଶେଷ ଦର୍ଶନ କରି ତାଙ୍କ ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଥିଲେ।

## ଚା' ଦୋକାନୀ ଉପରେ ଗରମ କ୍ଷୀର ଢ଼ାଳିଦେଲେ ଆକ୍ରମଣକାରୀ

### ପୁଲିସର ତନାଘନା ଜାରି



**ସାଲେପୁର,୧୫।୬(ସମିସ):** ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଶୁକ୍ରବାର ସନ୍ଧ୍ୟାରେ ଜଣେ ଚା' ଦୋକାନୀ ଉପରେ କେତେକ ଦୁର୍ବୃତ୍ତ ଗରମ କ୍ଷୀର ଢ଼ାଳିଦେବାରୁ ଉକ୍ତ ଦୋକାନୀ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଏହାକୁ ନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ନରଦା ପଞ୍ଚାୟତ ନାନପୁର ଗ୍ରାମର ରବିନ୍ଦ୍ର ତରାଇ ଗ୍ରାମର ତାରିଣୀ ମନ୍ଦିର ପାଖରେ କରିଥିବା ଦୋକାନରେ ଚାହା କରୁଥିଲେ। ହଠାତ୍ ନାନପୁର ଗ୍ରାମର ଶିବରାମ ତରାଇ, ବେଣୁଧର କାଣ୍ଡି, ପ୍ରହଲ୍ଲାଦ ମଲିକ, ଜିତେନ୍ଦ୍ର ସାମଲ ଚନ୍ଦ୍ରଶେଖର ତରାଇ ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ଗରମ କ୍ଷୀରକୁ ତାଙ୍କ ଉପରେ ଢ଼ାଳି ଦେଇଥିଲେ। ରବିନ୍ଦ୍ରଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଯିବାରୁ ଆକ୍ରମଣକାରୀମାନେ ସେଠାରୁ ଖସି ପଳାଇଥିଲେ। ରବିନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସରେ ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଏହାନେଇ ରବିନ୍ଦ୍ର ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଚାଲୁ ରଖିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେପି ରାଜ୍ୟ ପ୍ରବକ୍ତା



**ନିଆଳି, ୧୫।୬(ସମିସ):** ବିଜେପିର ରାଜ୍ୟ ପ୍ରବକ୍ତା ତଥା ନିଆଳି ଅଞ୍ଚଳର ରାଜେନ୍ଦ୍ର ପ୍ରସାଦ ପଣ୍ଡା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରାଜ୍ୟ ଅତିଥି ଭବନରେ ପହଞ୍ଚିଠ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣେଇବା ସହ ଦଳର ସାଂଗଠନିକ ଅବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ନିଆଳି ନିର୍ବାଚନମଣ୍ଡଳୀରେ ବିଜେପିର ବିଧାୟକ ପ୍ରାର୍ଥୀଙ୍କ ବିଜୟ ହୋଇଥିବାରୁ ନିଆଳି ଅଞ୍ଚଳର ସାମଗ୍ରୀକ ବିକାଶ କିପରି କରାଯାଇପାରିବ ସେନେଇ ଆଲୋଚନା କରିଥିଲେ।

## ଧର୍ମପରାୟଣ ବୃଦ୍ଧଙ୍କ ବିୟୋଗ



**ବଡମ୍ବା,୧୫।୬(ସମିସ):** ବଡମ୍ବା ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ଗ୍ରାମପଞ୍ଚାୟତର ବିଶ୍ୱନାଥପୁର ଗ୍ରାମର କାଠିଆ ପ୍ରଧାନ (୭୨) ଙ୍କର ବିୟୋଗ ଘଟିଛି। ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତାଙ୍କ ବାସଭବନରେ ଜନସମାଗମ ହୋଇଥିଲା। ତାଙ୍କର ଏକମାତ୍ର ପୁଅ ସନ୍ତୋଷ ପ୍ରଧାନ ମୁଖାଗ୍ନି ଦେଇଥିଲେ।

## ବାକି ନଦେବାରୁ ହୋଟେଲ ମାଲିକଙ୍କୁ ମାରଧର

### ଯୁବକ ଗିରଫ

**ସାଲେପୁର,୧୫।୬(ସମିସ):** ବାକି ନଦେବାରୁ ହୋଟେଲ ମାଲିକକୁ ମାରଧର କରିବା ଅଭିଯୋଗରେ ସାଲେପୁର ପୁଲିସ ଜଣେ ଯୁବକକୁ ଗିରଫ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ରାଇସୁଙ୍ଗୁଡ଼ା ଗ୍ରାମର କୈଳାସ ବେହେରା କାଜିହାଟରେ ଏକ ହୋଟେଲ କରି ବ୍ୟବସାୟ କରୁଥିଲେ। କାଜି ହାଟ ଅଞ୍ଚଳର ସେକ୍ ଅବଦୁଲ କଲାମ (୩୬) ନିୟମିତ ତାଙ୍କ ଦୋକାନରୁ ପାର୍ସଲ ନେଇଥାନ୍ତି। ଉକ୍ତ ବାବଦକୁ ବାକି ମଧ୍ୟ ରହିଥାଏ। ଗତକାଲି କଲାମ୍ ପାର୍ସଲ ଘରକୁ ନେଇଥିଲେ। ୨ ଶହ ଟଙ୍କା ବାକି ରହିଥିବାବେଳେ ଆଉ ବାକିରେ କୌଣସି ଖାଦ୍ୟ ଦିଆଯିବନାହିଁ ବୋଲି କୈଳାସ ମନା କରିବାରୁ କଲାମ୍ ଉତ୍‌କ୍ଷିପ୍ତ ହୋଇ କୈଳାସଙ୍କୁ ମାରଧର କରିଥିବା ଜଣାପଡ଼ିଛି। ପରେ ଏନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ଆଧାରରେ ପୁଲିସ କଲାମ୍‌କୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

## ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



**ମାହାଙ୍ଗା,୧୫।୬(ସମିସ):** ମାହାଙ୍ଗା ବ୍ଲକ ଓସ୍ତପୁରସ୍ଥିତ ମହେଶ୍ୱର ପ୍ରତିଭା ପରିଷଦ ପକ୍ଷରୁ ଚଳିତ ମାଟ୍ରିକ ପରୀକ୍ଷାରେ ମାହାଙ୍ଗା ବ୍ଲକରେ ସର୍ବୋଚ୍ଚ ୫୬୦ ନମ୍ବର ରଖିଥିବା କୃତୀ ଛାତ୍ରୀ ଭାଶ୍ୱତୀ ରାଉତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠାନର ସଭାପତି ରବିନ୍ଦ୍ରନାଥ ପଣ୍ଡା, ପୂର୍ବତନ ସରପଞ୍ଚ କିଶୋର ରାଉତ, ଶିକ୍ଷାବିତ୍ ବିଦ୍ୟାଧର ଖଟୁଆ, ସମାଜସେବୀ ସରୋଜଚନ୍ଦ୍ର ନାୟକ, ତ୍ରିଲୋଚନ ରାଉତ, ଚିଟ୍ରୋତୋଳା ହାଇସ୍କୁଲର ପ୍ରଧାନଶିକ୍ଷକ ଦେବପ୍ରସାଦ କର, କାଞ୍ଚନବାଳା ରାଉତ ପ୍ରମୁଖ ଛାତ୍ରୀ ଭାଶ୍ୱତୀଙ୍କ ବରାହିପୁରସ୍ଥିତ ଘରେ ପହଞ୍ଚି ତାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# କୃଷିଭିତ୍ତିକ ପର୍ବ ରଜ ସଂକ୍ରାନ୍ତି ଅବସରରେ ଆଲୋଚନାଚକ୍ର

ନିଆଳି, ୧୫।୬(ସମିସ)



ବିପ୍ଳବୀ ବୁଦ୍ଧିଜୀବୀ ସ୍ୱର୍ଗତ ରାଜେନ୍ଦ୍ର ଷଡ଼ଙ୍ଗୀଙ୍କ ଜନ୍ମସ୍ଥଳୀ ନିଆଳିସ୍ଥିତ ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ରରେ ରଜ ସଂକ୍ରାନ୍ତି ଅବସରରେ 'ଆମ କୃଷି କେବେ ଆମ ହାତକୁ ଫେରିବ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ପ୍ରଫେସର ସ୍ୱାଧୀନ ପଟ୍ଟନାୟକ ଗବେଷଣା କେନ୍ଦ୍ର ପରିସରରେ ଦାମୋଦର ଷଡ଼ଙ୍ଗୀଙ୍କ ଝିଅ ରିତିମୁକ୍ତା ଷଡଙ୍ଗୀ, ତାଙ୍କ ମା' ବିଣାପାଣିଙ୍କ ସ୍ମୃତି ତଥା ଆର୍ଥିକ ସହାୟତାରେ ନିର୍ମାଣାଧୀନ ବିଣାପାଣୀ କକ୍ଷକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ଆଲୋଚନାଚକ୍ରରେ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ନଟବର ଷଡଙ୍ଗୀ ସଭାପତିତ୍ୱ କରିଥିବା ବେଳେ 'ସମଦୃଷ୍ଟି' ପତ୍ରିକାର ସମ୍ପାଦକ ସୁଧୀର ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସର୍ବଦୋୟ ନେତା ଶୋଭାକର ସ୍ୱାଇଁ, ଅନ୍ୟତମ ଅତିଥି ଭାବେ ପ୍ରଫେସର ବିରେନ୍ଦ୍ର ନାୟକ ବର୍ତ୍ତମାନ ଜୈବିକ କୃଷି ଉପରେ ଗୁରୁତ୍ୱ ଦେଇ ପାରମ୍ପରିକ ବିହନକୁ ବ୍ୟବହାର କରିବାର ସମୟ ଆସିଛି ବୋଲି କହିଥିଲେ। ଆଲୋଚନାଚକ୍ରରେ ଡ. ଅଧିରାଜ କୁମାର ପରିଡ଼ା, ସମାଜସେବୀ ଜଗନ୍ନାଥ ପାଢ଼ୀ, ଅଶୋକ କୁମାର ରାୟ, କାର୍ତ୍ତିକ ଷଡଙ୍ଗୀ, ଆଇନଜୀବୀ ନୃସିଂହ ପଣ୍ଡା ଓ ମହାପାତ୍ର ଧରଣୀଧର ପଣ୍ଡା, ସ୍ୱର୍ଣ୍ଣପ୍ରଭା ପାଢ଼ୀ, ନମିତା ଷଡ଼ଙ୍ଗୀ, ମେହେଜା ବିନ୍, ପୁଷ୍ପାଞ୍ଜଳି ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଗବେଷଣା କେନ୍ଦ୍ରର ପରିଚାଳକ ଯୁବରାଜ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## କଉଡ଼ିଆପଡ଼ା ମହିମା ଟୁଙ୍ଗିର ବାର୍ଷିକ ଉତ୍ସବ



**ଟାଙ୍ଗୀ,୧୫।୬(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ କଉଡ଼ିଆପଡାରେ ମହିମା ଅଲେଖ ଟୁଙ୍ଗିର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହିମା ସାଧୁ ଶୁକଦେବ ଦାସଙ୍କ ନେତୃତ୍ୱରେ ସାଧୁ ବାଞ୍ଛାନିଧି ଦାସ, ଶୁକଦେବ ଦାସ, ବିଜୟ ଦାସ ଓ ସୁନାକର ଦାସ ପ୍ରମୁଖ ଯୋଗଦାନ କରିଥିଲେ। ପୂର୍ବତନ ସରପଞ୍ଚ ସୁବୋଧ କୁମାର ସାମଲ ଯୋଗଦେବା ସହ ଗ୍ରାମ ମହିମା ଟୁଙ୍ଗିର ମୁଖ୍ୟ ଇନ୍ଦ୍ରମଣି ମହାରଣା ପରିଚାଳନା କରିଥିଲେ। ଭ୍ରମରବର ପାତ୍ର, କୈଳାସଚନ୍ଦ୍ର ବେହେରା, ବୀରବର ମହାରଣା, ଦେବେନ୍ଦ୍ର ମହାରଣା, କାଳନ୍ଦୀ ମହାରଣା, ତ୍ରିନାଥ ମହାରଣା, ପର୍ଶୁରାମ ମହାରଣା, ସୁରେନ୍ଦ୍ର ମହାରଣା, ଗୌରାଙ୍ଗ ଚରଣ ମାଝି, ଧୀରେନ୍ଦ୍ର ମହାରଣା, ଏକାଦଶୀ ପାତ୍ର, ସମାଜସେବୀ ଗଙ୍ଗାଧର ବେହେରା ଓ ଗ୍ରାମବାସୀ ସହଯୋଗ କରିଥିଲେ।

